# ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର

Email Id: Sambalpurm.hud@nic.in
Phone No. 0663-2411012

ପତ୍ର ସଂଖ୍ୟା ୬୪୩୮..... ତା ...୨୦-୦୮-୨୦୨୪...

## କଲ୍ୟାଣ ମଣ୍ଡପ ନିଲାମ ନୋଟିସ

ଏତତଦ୍ଵାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସମ୍ବଲପୁର ମହାନଗର ନିଗମ ଅଧିନସ୍ତ କଲ୍ୟାଣ ମଣ୍ଡପ ନିମନ୍ତେ ୦୧ ସେପ୍ଟେମ୍ବର, ୨୦୨୪ ରୁ ୩୧ ଅଗଷ୍ଟ , ୨୦୨୫ ପାଇ ଆସନ୍ତା ୨୯.୦୮.୨୦୨୪ ଅପରାହ୍ନ ଘ ୫ .୩୦ ମି ସୁଦ୍ଧା ଟେଣ୍ଡର ଫର୍ମ / କୋରିୟର/ ସ୍ପୀଡ ପୋଷ୍ଟ ଯୋଗେ ଗ୍ରହଣ କରାଯିବ ଓ ତା ୩୦.୦୮ .୨୦୨୪ ପୂର୍ବାହ୍ନ ଘ ୧୧.୩୦ମି ସମୟରେ ଟେଣ୍ଡରଧାରୀଙ୍କ ଉପସ୍ଥିତରେ ଖୋଲାଯିବ। ନିଲାମ ନୋଟିସର ସବିଶେଷ ତଥ୍ୟ ୱେବ ସାଇଟରେ (www.smcsambalpur.nic.in) ଉପଲବ୍ଧ ଅଛି । ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ୱେବ ସାଇଟ ମାଧମରୁ ଆବେଦନ ଫର୍ମ,ନୋଟିସ, ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ ।

୧. ଟେଣ୍ଡର ନୋଟିସର ସବିଶେଷ ତଥ୍ୟ ୱେବ ସାଇଟରେ (www.smcsambalpur.nic.in) ଉପଲବ୍ଧ ଅଛି । ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ୱେବ ସାଇଟ ମାଧମରୁ ଆବେଦନ ଫର୍ମ,ନୋଟିସ, ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ ।

୨. **ଅବେଦନକାରୀ ଟେଣ୍ଡରଫର୍ମ ସହିତ ନିମ୍ନଲିଖିତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧମରେ ଟେଣ୍ଡର ସହିତ ସଂଲନ କରିବେ ।**

(କ) ସାରଣୀ ପ୍ରଦତ୍ତ ଟେଣ୍ଡର ଅମାନତ ରାଶି ଆୟୁକ୍ତ, ସମ୍ବଲପୁର ମହାନଗର ନିଗମ (Commissioner, Sambalpur Municipal Corporation) ସମ୍ବଲପୁରଙ୍କ ନାମରେ ଡ୍ରାଫ୍ଟ ମାଧମରେ ପ୍ରଦାନ କରିବେ ।

(ଖ) ସାରଣୀରେ ପ୍ରଦତ୍ତ ଟେଣ୍ଡର ଫର୍ମ ବିକ୍ରୟ ମୂଲ୍ୟ ଆୟୁକ୍ତ, ସମ୍ବଲପୁର ମହାନଗର ନିଗମ (Commissioner, Sambalpur Municipal Corporation) ସମ୍ବଲପୁରଙ୍କ ନାମରେ ଅନ୍ୟ ଏକ ବ୍ୟାଙ୍କ ଡ୍ରାଫ୍ଟ ମାଧମରେ ପ୍ରଦାନ କରିବେ ।

**ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଟେଣ୍ଡର ପକ୍ରିୟା ସମ୍ପାଦନ କରାଯିବ ।**

**ଟେଣ୍ଡର ଫର୍ମ**

ତା. **୨୧.୦୮.୨୦୨୪** ରିକ ଠାରୁ ତା **୨୯.୦୮.୨୦୨୪** ରିଖ ଅପରାହ୍ନ ଘ ୫ .୩୦ ମି ପର୍ଯନ୍ତ ଉପଲବ୍ଧ ଅଛି । ଟେଣ୍ଡର ଫର୍ମ / କୋରିୟର/ ସ୍ପୀଡ ପୋଷ୍ଟ ଯୋଗେ ଦାଖଲ ସମୟ ସୀମା – **୨୯.୦୮.୨୦୨୪** ଅପରାହ୍ନ ଘ ୫.୩୦ ମି ପର୍ଯନ୍ତ ଗ୍ରହଣ କରାଯିବ ।

ଟେଣ୍ଡର ଫର୍ମ ଖୋଲାଯିବା ସମୟ – **୩୦.୦୮ .୨୦୨୪** ପୂର୍ବାହ୍ନ ୧୧.୩୦ମି

୩. ଇଚ୍ଛୁକ ନୀଲମଧାରୀ ଦ୍ଵାରା ନିମ୍ନ ଲିଖିତ କାଗଜାତ ଟେଣ୍ଡର ଫର୍ମ ସହିତ ଜଉମୁଦ ଲଫାପା ଡାକ ଯୋଗେ, ସ୍ପୀଡ ପୋଷ୍ଟ, କୋରିୟର ଜରିଆରେ ଆସିଥିବା ଟେଣ୍ଡର ଗୁଡିକ ତା. ୨୯.୦୮.୨୦୨୪ ଅପରାହ୍ନ ଘ.୫ .୩୦ ମି. ମଧରେ ଗ୍ରହଣ କରାଯିବ । ପ୍ରକାଶ ଥାଉକି ନିର୍ଦ୍ଧାରିତ ସମୟ ଅତିବାହିତ ପରେ କୌଣସି ଫର୍ମ ଗ୍ରହଣ କରାଯିବ ନହିଁ । କୌଣସି ଡାକ ଜନିତ ବିଳମ୍ବ ପାଇଁ ମହାନଗର ନିଗମ କର୍ତ୍ତୃପକ୍ଷ ଦାୟୀ ରହିବେ ନହିଁ ।

୪. **ଇଚ୍ଛୁକ ବ୍ୟକ୍ତି ନିମ୍ନଲିଖିତ କାଗଜାତ ଟେଣ୍ଡର ଫର୍ମ ସହିତ ଦାଖଲ କରିବେ ।**

(କ) ପ୍ୟାନକାର୍ଡର ନକଲ
(ଖ) ଜିଏସଟି ନମ୍ବର ନକଲ
(ଗ) ଆଧାର କାର୍ଡର ନକଲ
(ଘ) ଅମାନତ ରାଶିର ବ୍ୟାଙ୍କ ଡ୍ରାଫ୍ଟ (Original)
(ଙ) ଟେଣ୍ଡର ଫର୍ମ ମୂଲ୍ୟର ବ୍ୟାଙ୍କ ଡ୍ରାଫ୍ଟ (Original)
(ଚ) ପାସପୋର୍ଟ ଫୋଟୋ (Self-Attested)

୫. **ଅନ୍ୟାନ ସର୍ତ୍ତାବଳୀ**

ଯେଉଁ ବ୍ୟକ୍ତିଙ୍କ ନାମରେ ମହାନଗର ନିଗମର କୌଣସି ଦେୟ ବକେୟା ଥାଏ, ତେବେ ସେମାନେ ଏହି ନିଲାମରେ ଅଂଶ ଗ୍ରହଣ କରି ପାରିବେ ନାହିଁ । ଯଦି କୌଣସି ବକେୟା ଥାଏ ଅଂଶ ଗ୍ରହଣ କରନ୍ତି, ତାହେଲେ ତାଙ୍କର ଟେଣ୍ଡର ଫର୍ମକୁ ରଦ୍ଦ ବିବେଚନା କରାଯିବ ।

୬. କୃତକାର୍ଯ୍ୟ ଟେଣ୍ଡରଧାରୀ ସମୁଦାୟ ସମ୍ପତିର ରାଶି ଏକ କାଳୀନ ତୁରନ୍ତ ଜମା ଦେବେ । ସମସ୍ତ ମାହାଲ ପାଇଁ ନିଜ ଖର୍ଚ୍ଚରେ ମହାନଗର ନିଗମ ସହିତ ଚୁକ୍ତିନାମା ୭ (ସାତ) ଦିନ ମଧ୍ୟରେ ସମ୍ପାଦନ କରିବେ । ଏଥିରେ ଖିଲାପ କାଲେ ଅମାନତ ଟଙ୍କା ବ୍ୟାଯାପ୍ତ କରାଯିବ ।

୭. ଯେଉଁ ବ୍ୟକ୍ତି ମାନଙ୍କର ଟେଣ୍ଡର ଗୃହିତ ନହେଲେ ସେମାନଙ୍କୁ ବୀନା ସୁଧରେ ତାଙ୍କ ଅମାନତ ଟଙ୍କା ଫେରସ୍ତ ଦିଆଯିବ ।

୮. ମହାନଗର ନିଗମ କର୍ତ୍ତୃପକ୍ଷ କୌଣସି ଟେଣ୍ଡର / ସମସ୍ତ ଟେଣ୍ଡରକୁ ଉପଯୁକ୍ତ ମନେ ନକଲେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରି ପାରିବେ ।

**କଲ୍ୟାଣ ମଣ୍ଡପ ନିଲାମ (ସମ୍ବଲପୁର )**

| କ୍ର. ନମ୍ବର | ସମ୍ପତିର ବିବରଣୀ (Sambalpur) | ନିର୍ଦ୍ଧାରିତ ମୂଲ୍ୟ (ଏକ ବର୍ଷ ନିମନ୍ତେ ) | ଅମାନତ ଟଙ୍କା | ଟେଣ୍ଡର ଫର୍ମର ମୂଲ୍ୟ |
|---|---|---|---|---|
| ୨. | ଉର୍ଦ୍ଦୁ ସ୍କୁଲ ନିକଟ ପେନସନ ପଡା କଲ୍ୟାଣ ମଣ୍ଡପ | ୨୮୦୦୦୦/- | ୧୪୦୦୦ /- | ୫୦୦୦/- |
| ୩. | ସିଂଦୂରପଙ୍କ କଲ୍ୟାଣ ମଣ୍ଡପ | ୮୫୩୦୫ /- | ୪୨୬୫ /- | ୫୦୦୦/- |
| ୪ | ଦୁର୍ଗା ମନ୍ଦିର କଲ୍ୟାଣ ମଣ୍ଡପ, ହୀରାକୁଦ | ୧୨୯୪୭୦/- | ୬୪୭୪ /- | ୫୦୦୦/- |

ସହ ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ
ସମ୍ବଲପୁର

ଜ୍ଞାପକ ସଂଖ୍ୟା ୭୫୩୮ — ତା ୨୦-୦୮-୨୦୨୪

ଏହାର ଏକକିତା ନକଲ ମହାନଗର ନିଗମ କାର୍ଯ୍ୟାଳୟ ଅଫିସ ନୋଟିସ ବୋର୍ଡ /ଜିଲ୍ଲା ପରିଷଦ କାର୍ଯ୍ୟାଳୟ/ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ସମ୍ବଲପୁର / ଉପଖଣ୍ଡ ଅଧିକାରୀ ଓ ତହସିଲଦାର, ସମ୍ବଲପୁର ଅଫିସ ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପଠାଗଲା।

ସହ ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ
ସମ୍ବଲପୁର

Memo No. 7540 /TAX/SMC. Date 20-08-2024

Copy to MIS, SMC, Sambalpur for information and he is instructed to display in the website for information of General Public.

Asst. Commissioner
Sambalpur Municipal Corporation
Sambalpur

# ସର୍ତ୍ତ ଓ ନିୟମାବଳୀ

୧. କୃତକାର୍ଯ୍ୟ ଟେଣ୍ଡରଧାରୀ କଲ୍ୟାଣମଣ୍ଡପର ଦୈନନ୍ଦିନ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ସମ୍ପାଦନ କରିବେ । ପ୍ରତିଦିନ ପୁରା କଲ୍ୟାଣମଣ୍ଡପ ପ୍ରାଙ୍ଗଣ ସଫା କରିବା ସଙ୍ଗେ ସଙ୍ଗେ ଟଏଲେଟ, କାନ୍ଥ, ଛାତ ଆଦି ଭଲ ଭାବରେ ସଫା ରଖି କଲ୍ୟାଣମଣ୍ଡପକୁ ସର୍ବଦା ସେବା ଯୋଗ୍ୟ ରଖିବେ ।

୨. ଟେଣ୍ଡରଧାରୀ ପ୍ରତି ବିବାହ, ବ୍ରତ ଆଦି କାର୍ଯ୍ୟକ୍ରମ ହେଲା ପରେ ଉପଯୁକ୍ତ ସଫାସୁତୁରା କରିବେ । ସେମାନେ ନିଜ ଖର୍ଚ୍ଚରେ ସଫାସୁତୁରା କାର୍ଯ୍ୟ ପାଇଁ ଆବଶକ୍ୟକୀୟ ସାମଗ୍ରୀ କିଣି ରଖିବେ ।

3. ଟେଣ୍ଡରଧାରୀ କଲ୍ୟାଣମଣ୍ଡପର ସଫାସୁତୁରା, ବଗିଚା କାମ ଏବଂ ୨୪ ଘଣ୍ଟା ଜଗିବା ପାଇଁ ଅତି କମରେ ୩ (ତିନି) ଜଣଙ୍କୁ ନିୟୋଜିତ କରିବେ ।

୪. ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ତୃପ୍ତି ହିସାବରେ ଟେଣ୍ଡରଧାରୀ କଲ୍ୟାଣମଣ୍ଡପକୁ ଜଗିବା ତଥା ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପାଦନ କରିବେ ।

୫. କଲ୍ୟାଣମଣ୍ଡପରେ ନିୟୋଜିତ ବ୍ୟକ୍ତି ଅନ୍ୟ କୌଣସି ସରକାରୀ ବା ବେସରକାରୀ ସଂସ୍ଥାରେ କାମ କରିପାରିବେ ନାହିଁ ।

୬. ଟେଣ୍ଡରଧାରୀ ନିଜ ଖର୍ଚ୍ଚରେ କଲ୍ୟାଣମଣ୍ଡପର ଉପଯୁକ୍ତ ସ୍ଥାନ ଗୁଡିକରେ ଡଷ୍ଟବିନ ରଖିବେ ।

୭. କଲ୍ୟାଣମଣ୍ଡପର ଆବଶ୍ୟକୀୟ ମରାମତି ଖର୍ଚ୍ଚ ଟେଣ୍ଡରଧାରୀ ବହନ କରିବେ ।

୮. ବିଭିନ୍ନ ଆବଶ୍ୟକୀୟ ଟିକସ ଟେଣ୍ଡରଧାରୀ ବହନ କରିବେ ।

୯. ସାଧାରଣ ଜଳ ଯୋଗଣ, ବିଦ୍ୟୁତ ଖର୍ଚ୍ଚ ଏବଂ ସେପ୍ଟିକ ଟାଙ୍କି ଖାଲି କରିବା ଖର୍ଚ୍ଚ ମହାନଗର ନିଗମ ବହନ କରିବେ ।

୧୦. ଟେଣ୍ଡରଧାରୀ କଲ୍ୟାଣମଣ୍ଡପର ରକ୍ଷଣାବେକ୍ଷଣ ସମୟରେ ଆବଶ୍ୟକୀୟ ସରଞ୍ଜାମ ଏବଂ ନିରାପତ୍ତା ସାମଗ୍ରୀର ବ୍ୟବହାର ନିଶ୍ଚିତ କରିବେ ।

୧୧. କଲ୍ୟାଣମଣ୍ଡପରେ କାମ କରୁଥିବା ଶ୍ରମିକ ମହାନଗର ନିଗମ ବିରୁଦ୍ଧରେ କୋଣସି ଦାବୀ କରି ପାରିବେ ନାହିଁ ଏବଂ ସେମାନେ କୋଣସି ଆନ୍ଦୋଳନ, ଧର୍ମଘଟ କରି ପାରିବେ ନାହିଁ । ଶ୍ରମିକମାନଙ୍କର ବେତନ ପାଇଁ ତଥା ସେମାନେ କାର୍ଯ୍ୟରତ ଥିବା ସମୟରେ କୌଣସି ଦୁର୍ଘଟଣା ବା କ୍ଷତି ହେଲେ କେବଳ ଟେଣ୍ଡରଧାରୀ ଦାୟୀ ରହିବେ ଏବଂ Workman Compensation Act ଜନିତ କର୍ତ୍ତବ୍ୟ ପାଇଁ ଟେଣ୍ଡରଧାରୀ ହିଁ ଉତ୍ତରଦାୟୀ ରହିବେ । ମହାନଗର ନିଗମ ର ଏଥିରେ କିଛି ବି ଉତ୍ତରଦାୟୀ ରହିବ ନାହିଁ ।

୧୨. ଟେଣ୍ଡରଧାରୀ କଲ୍ୟାଣମଣ୍ଡପରେ କୌଣସି ଶିଶୁ ଶ୍ରମିକ ନିୟୋଜିତ କରିପାରିବେ ନାହିଁ ।

୧୩. କଲ୍ୟାଣ ମଣ୍ଡପରୁ ଜାତ ବର୍ଜ୍ୟବସ୍ତୁ ପୃଥକୀକରଣ କରି ମହାନଗର ନିଗମର ବର୍ଜ୍ୟବସ୍ତୁ ସଂଗ୍ରହ କରୁଥିବା ଗାଡିକୁ ହସ୍ତାନ୍ତର କରିବେ ଏବଂ ଆବଶ୍ୟକୀୟ ୟୁଜର ଫି ପଇଠ କରିବେ ।

୧୪. କଲ୍ୟାଣ ମଣ୍ଡପକୁ sub-let କରାଯାଇପାରିବ ନାହିଁ । ଯଦି ଏହା ଦୃଷ୍ଟିଗୋଚର ହୁଏ, ତେବେ ମହାନଗର ନିଗମ କର୍ତ୍ତୃପକ୍ଷ ଚୁକ୍ତିନାମାକୁ ରଦ୍ଦ କରି ପାରିବେ ।

୧୫. ଟେଣ୍ଡରଧାରୀ ଏବଂ ତାଙ୍କ ନିୟୋଜିତ କର୍ମଚାରୀ କଲ୍ୟାଣମଣ୍ଡପ ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କ ସହ ସୌହାର୍ଦ୍ଦପୂର୍ଣ୍ଣ ବ୍ୟବହାର କରିବେ ।

୧୬. କୌଣସି ବ୍ୟକ୍ତିକୁ କଲ୍ୟାଣମଣ୍ଡପରେ ବସବାସ କରିବା ପାଇଁ ଟେଣ୍ଡରଧାରୀ ଅନୁମତି ଦେଇ ପାରିବେ ନାହିଁ ଏବଂ କୌଣସି ପଶୁ ବା ଯାନବାହାନକୁ କଲ୍ୟାଣମଣ୍ଡପ ପ୍ରଙ୍ଗଣରେ ରଖିବା ପାଇଁ ଅନୁମତି ଦେଇ ପାରିବେ ନାହିଁ ।

୧୭. ଟେଣ୍ଡରଧାରୀ କଲ୍ୟାଣମଣ୍ଡପରେ ଅନବରତ ଜଳ ଏବଂ ବିଦ୍ୟୁତର ଯୋଗାଣ ନିଶ୍ଚିତ କରିବେ ।

୧୮. ଟେଣ୍ଡରଧାରୀ ମହାନଗର ନିଗମ ଦ୍ଵାରା ଧାର୍ଯ୍ୟ ସର୍ବାଧିକ ଦୈନିକ ଦରରୁ ଅଧିକ ନେଇପାରିବେ ନାହିଁ । କଲ୍ୟାଣମଣ୍ଡପ ପରିସରରେ କୋଣସି ପ୍ରକାର ସ୍ଥାୟୀ ନିର୍ମାଣ କାର୍ଯ୍ୟ କରିପାରିବେ ନାହିଁ । ମଣ୍ଡପର ଖୋଲା ସ୍ଥାନ ବ୍ୟବହାର କଲେ ମହାନଗର ନିଗମ ଦ୍ଵାରା ଧାର୍ଯ୍ୟ ଅତିରିକ୍ତ ଭଡା ଟେଣ୍ଡରଧାରୀ ମହାନଗର ନିଗମ କାର୍ଯ୍ୟାଳୟରେ ଜମା ଦେବାକୁ ପଡିବ । ସଫେଇ ବାବଦକୁ କାର୍ଯ୍ୟକ୍ରମ ପ୍ରତି ଟ.୧୫୦୦/-ଙ୍କା ମହାନଗର ନିଗମରେ ଦାଖଲ କରିବେ ।

୧୯. କଲ୍ୟାଣମଣ୍ଡପର ସୁରକ୍ଷା ବ୍ୟବସ୍ଥା ଟେଣ୍ଡରଧାରୀ ନିଶ୍ଚିତ କରିବେ ।

୨୦. ଯଦି କୌଣସି ସରକାରୀ କାର୍ଯ୍ୟକ୍ରମର ସୂଚୀ ସ୍ଥିର ହେଇଛି, ତେବେ ବେସରକାରୀ କାର୍ଯ୍ୟକ୍ରମକୁ ଅନୁମତି ଦିଆଯିବ ନାହିଁ । ମହାନଗର ନିଗମ କର୍ତୃପକ୍ଷଙ୍କ ନିଷ୍ପତ୍ତି ଏହି ମାମଲାରେ ଟେଣ୍ଡରଧାରୀ ମାନିବାକୁ ବାଧ୍ୟ ।

୨୧ . କଲ୍ୟାଣମଣ୍ଡପର ରକ୍ଷଣାବେକ୍ଷଣ ଓ ସୁପରିଚାଳନାରେ ତ୍ରୁଟି ହେଲେ ଟେଣ୍ଡରଧାରୀଙ୍କୁ ନିମ୍ନମତେ ଫାଇନ ପଇଠ କରିବାକୁ ପଡିବ ।

| କ୍ରମିକ ସଂଖ୍ୟା | ତ୍ରୁଟି | ଦିନକୁ ଫାଇନ |
|---|---|---|
| ୧ | ସୁରକ୍ଷାରେ ତ୍ରୁଟି | ୫୦୦ ଟଙ୍କା |
| ୨ | ସୁପରିଚାଳନରେ ତ୍ରୁଟି | ୫୦୦ ଟଙ୍କା |
| ୩ | ବର୍ଜ୍ୟବସ୍ତୁ କୁ ପୃଥକୀକରଣ କରି ହସ୍ତାନ୍ତର ନ କରିବା | ୩୦୦ ଟଙ୍କା |
| ୪ | ବିଭିନ୍ନ ସରଞ୍ଜାମ, ବିଦ୍ୟୁତ କିମ୍ବା ଜଳ ଯୋଗାଣ ସାମଗ୍ରୀ ର କ୍ଷତି କରିବା | ୩୦୦ ଟଙ୍କା |

୨୩. କଲ୍ୟାଣ ମଣ୍ଡପ ନିଲାମରେ ଯେଉଁ ବ୍ୟକ୍ତି ମାନେ ଭାଗ ନେବାକୁ ଇଚ୍ଛୁକ ଥିବେ, ସେହି ବ୍ୟକ୍ତି ମାନଙ୍କ ବିରୁଦ୍ଧରେ କୌଣସି ଅପରାଧିକ ମକଦ୍ଦମା ରୁଜୁ ହୋଇ ନ ଥିବ,ଗିରଫ ହୋଇ ନ ଥିବେ କିମ୍ବା ଅପରାଧିକ ଇତିହାସ ନ ଥିବ । ଟେଣ୍ଡର ଦରଖାସ୍ତ ସହିତ ଉକ୍ତ ବିଷୟରେ ଏକ ସତ୍ୟପାଠ ସଂଲଗ୍ନ କରିବେ ।

୨୪. ପ୍ରାକୃତିକ ବିପର୍ଯ୍ୟୟ ତଥା ଦୈବି ଦୁର୍ବିପାକ ସମୟରେ କଲ୍ୟାଣ ମଣ୍ଡପର ସେବା ସମ୍ବଲପୁର ମହାନଗର ନିଗମର ଅଧିନକୁ ଚାଲିଆସିବ । ଉକ୍ତ ସମୟରେ ଟେଣ୍ଡରଧାରୀ ମହାନଗର ନିଗମ ଉପରେ କୌଣସି କ୍ଷତିପୂରଣ ଦାବି କରି ପାରିବେ ନାହିଁ ।

୨୫. ନିଲାମରେ ଭାଗ ନେଉଥିବା ଜଣେ ବ୍ୟକ୍ତି କେବଳ ଯେ କୌଣସି ଦୁଇଟି କଲ୍ୟାଣ ମଣ୍ଡପ ପାଇଁ ଆବେଦନ କରି ପାରିବେ ।

୨୬. କୃତକାର୍ଯ୍ୟ ଟେଣ୍ଡରଧାରୀ ମହାନଗର ନିଗମ ସହ ଏକ ଚୁକ୍ତି ସ୍ଵାକ୍ଷର କରିବେ ଏବଂ ଏହି ଚୁକ୍ତିରେ ଥିବା ସର୍ତ୍ତ ଓ ନିୟମାବଳିର ଅନୁପାଳନ କରିବେ । ଏହାର ଅବମାନନା କଲେ ମହାନଗର ନିଗମ କର୍ତ୍ତୃପକ୍ଷ ଟେଣ୍ଡର ରଦ୍ଦ କରିପାରିବେ ।

ସହ ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ
ସମ୍ବଲପୁର

# ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର

Email Id: Sambalpurm.hud@nic.in
Phone No. 0663-2411012


| | | |
|---|---|---|
| ୧. | ଟେଣ୍ଡରଧାରୀଙ୍କ ନାମ<br>ପାସପୋର୍ଟ ସାଇଜ ଫଟୋ (ଗେଜେଟେଡ଼ ଅଫିସରଙ୍କ ସ୍ୱାକ୍ଷର ସହିତ) | :- |
| ୨. | ପିତା / ସ୍ୱାମୀଙ୍କ ନାମ | :- |
| ୩. | ଠିକଣା | :- |
| ୪. | କେଉଁ ସମ୍ପତି ପାଇଁ ଟେଣ୍ଡର ଦାଖଲ କରୁଛନ୍ତି | :- |
| ୫. | ସମ୍ପତିର ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ (ଅପସେଟ ପ୍ରାଇସ) | :- |
| ୬. | ଟେଣ୍ଡର ଦାତାଙ୍କ ସର୍ବୋଚ୍ଚ ମୂଲ୍ୟ (ସଂଖ୍ୟା ଓ ଅକ୍ଷରରେ) | :- |
| ୭. | ଅମାନତ ଜମା ଟଙ୍କାର ପରିମାଣ (ରସିଦ, ସଂଖ୍ୟା, ତାରିଖ) | :- |
| ୮. | ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର,ଭୋଟର ପରିଚୟ ପତ୍ର କିମ୍ବା ଆଧାର କାର୍ଡର ନକଲ | :- |
| ୯. | ଟେଣ୍ଡରଦାତାଙ୍କ ମୋବାଇଲ ନମ୍ବର ଓ ଇମେଲ ଠିକଣା | :- |

ଏତଦଦ୍ୱାରା ମୁଁ / ଆମ୍ଭେ ଘୋଷଣା କରୁଛୁ ଯେ ସମ୍ବଲପୁର ମହାନଗର ନିଗମଙ୍କ ଟେଣ୍ଡର ସର୍ତ୍ତ ଓ ନିୟମାବଳୀ ଅନୁସାରେ ଆମ୍ଭେ ସମ୍ମତି ପ୍ରଦାନ କଲୁ ।

ଟେଣ୍ଡର ଦାତାଙ୍କ ସ୍ୱାକ୍ଷର